# ୯୩.୫୭ କୋଟିର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଶିଳାନ୍ୟାସ

## କ୍ରିକେଟ ଏକାଡେମୀ ଲୋକାର୍ପିତ



ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳ ଷ୍ଟାଡିୟମଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଅପରାହ୍ନ ୫ଟାରେ ସ୍ପୋର୍ଟସ୍ କମ୍ପ୍ଲେକ୍ସର ଶିଳାନ୍ୟାସ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଏହି ଶିଳାନ୍ୟାସ କରିଛନ୍ତି। ଏଥି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ୯୩.୫୭ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ସେହିପରି ଓଡ଼ିଶା କ୍ରିକେଟ ଆସୋସିଏସନ କଟକ ପକ୍ଷରୁ ଜିଲା କ୍ରୀଡ଼ା ସଂସଦର ପରିଚାଳନାରେ କ୍ରିକେଟ ଏକାଡେମୀ ଲୋକାର୍ପିତ ହୋଇଛି। ଏଥିପାଇଁ ଓସିଏ ପକ୍ଷରୁ ସମସ୍ତ ଉପକରଣ ପ୍ରଦାନ କରାଯାଇଛି।

ଆଭାସି ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଲେ, କ୍ରୀଡ଼ାବିତ୍ ଓ କ୍ରୀଡ଼ା ପ୍ରେମୀମାନଙ୍କ ପାଇଁ ଏହା ଏକ ଐତିହାସିକ ଦିନ। ଢେଙ୍କାନାଳରେ ସ୍ପୋର୍ଟସ୍ କମ୍ପ୍ଲେକ୍ସର ଶିଳାନ୍ୟାସ କରାଯାଇଛି। ଏହା ଯୁବକମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ସୁଯୋଗ ଆଣିଦେବ। ଏହି ଉପଲକ୍ଷେ ଢେଙ୍କାନାଳ ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ସୁରେନ୍ଦ୍ର ହେମ୍ବ୍ରମ୍, ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ନଳିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସ୍ପୋର୍ଟସ କମ୍ପ୍ଲେକ୍ସ ପାଇଁ ମୋଟ ୯୩.୫୭ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ବନମାଳିପ୍ରସାଦଠାରେ ୧୩.୮୫ ଏକର ଜାଗାରେ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ହେବ। ଏଥିରେ ୪୧୦ ଜଣ ବସିବା ପାଇଁ ସ୍ଥାନ ରହିବ। ହକି ତାଲିମ କେନ୍ଦ୍ର ବିଲ୍ଡିଂ ମଧ୍ୟ ନିର୍ମାଣ ହେବ। ଏଥିପାଇଁ ୧୨୫୩.୦୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ସେହିପରି ୧୫୦୦ ଜଣ ବସିବା ଭଳି ୪୧୧୭.୦୦ ଲକ୍ଷ ଟଙ୍କାରେ ଆଥଲେଟିକ୍ ପାଭିଲିଅନ ବିଲ୍ଡିଂ ନିର୍ମାଣ କରାଯିବ। ଅଭ୍ୟାସ ପାଇଁ ୧୦୮୬.୦୦ ଲକ୍ଷ ଟଙ୍କାରେ ସୁଇମିଂପୁଲ, ସେହିପରି ପାଚେରି, ଲ୍ୟାଣ୍ଡ ସ୍କେପିଂ, ରାସ୍ତା ଓ ପାର୍କିଂ, ପାଣିଟାଙ୍କି ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୨୯୦୧.୦୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ସେହିପରି ଓସିଏ ପକ୍ଷରୁ କ୍ରିକେଟ ଏକାଡେମୀ ପାଇଁ ଯୁବ କ୍ରିକେଟରଙ୍କୁ ଜିଲାରେ ବର୍ଷସାରା ତାଲିମ ପ୍ରଦାନ କରାଯିବ। ଷ୍ଟାଡିୟମରେ ଟର୍ଫ ଉଇକେଟ, ସିମେଣ୍ଟ ପିଚ୍ ସହ ଅଭ୍ୟାସ ପାଇଁ ମ୍ୟାଟ୍ ପିଚ୍ ବ୍ୟବସ୍ଥା କରାଯାଇଛି। ଅଭ୍ୟାସ ମ୍ୟାଚ ପାଇଁ ଟର୍ଫ୍ ଉଇକେଟ ପ୍ରସ୍ତୁତ କରାଯାଇଛି। ପ୍ରତିଦିନ ପ୍ରଶିକ୍ଷଣ ପାଇଁ ସ୍ଥାୟୀ କୋଚ୍ ବ୍ୟବସ୍ଥା କରାଯାଇଛି। ସେହିପରି ପଡ଼ିଆ, କ୍ୟୁରେଟର, ଖେଳ ଉପକରଣ ପ୍ରତିଦିନ ଅଭ୍ୟାସ ସମୟରେ ପ୍ରଦାନ କରାଯିବ। ଦୈନିକ ଅଭ୍ୟାସ ପାଇଁ ୨୦୦ଟି କ୍ରିକେଟ ଡ୍ରେସ୍ ପ୍ରଦାନ କରାଯାଇଛି। ସେହିପରି ପିଚ୍ ରୋଲର ଓ ଗ୍ରାସ୍ କଟର ମେସିନର ମଧ୍ୟ ବ୍ୟବସ୍ଥା ହୋଇଛି। ଯେଉଁ କ୍ରିକେଟ ଖେଳାଳି ଜିଲାସ୍ତରରୁ ରାଜ୍ୟସ୍ତର ପାଇଁ ଚୟନ ହେବେ, ସେମାନଙ୍କୁ ଓସିଏ ପକ୍ଷରୁ ପ୍ରଶିକ୍ଷଣ ଅଭ୍ୟାସ, ରହିବା, ଖାଦ୍ୟ ଓ ପାଠ ପଢିବା ପାଇଁ ସୁବିଧା ପ୍ରଦାନ କରାଯିବ। ମୋଟ ୫୦ଜଣ ଖେଳାଳିଙ୍କୁ ଏହି ସୁବିଧା ପ୍ରଦାନ କରାଯିବ ବୋଲି ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି। ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି ଓ ହକି କୋଚ ପ୍ରୋଫେସା ଏକ୍କା ଏହାକୁ ପରିଚାଳନା କରିଥିବା ବେଳେ କ୍ରିକେଟ କୋଚ୍ ଅଜିତ ମିଶ୍ର, ହକି କୋଚ୍ ସାଇପ୍ରସାଦ ଦଳେଇ, ବାବୁଲା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ବସନ୍ତ ମହାପାତ୍ର ଆଦର୍ଶ ବ୍ୟକ୍ତି ଥିଲେ

ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳ ଜିଲା ଲେଖକ ସଂସଦ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗତ ଶାଣ୍ଡିଲ୍ୟ ବସନ୍ତ କୁମାର ମହାପାତ୍ରଙ୍କ ୯୭ତମ ଜୟନ୍ତୀ ଉପଲକ୍ଷେ ମଙ୍ଗଳବାର ସଂସଦ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ କହିଲେ, ଶାଣ୍ଡିଲ୍ୟ ବସନ୍ତ କୁମାର ମହାପାତ୍ର ଏକାଧାରାରେ ଜଣେ ନାଟ୍ୟକାର, କବି, ଗୀତିକାର, ଲେଖକ ଓ ଆଦର୍ଶ ବ୍ୟକ୍ତି ଥିଲେ। ଏଥିସହିତ ସେ ଜଣେ ଆଦର୍ଶ ଶିକ୍ଷକ ମଧ୍ୟ ଥିଲେ। ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ପୂର୍ବତନ ସଭାପତି ଇନ୍ଦ୍ରମଣି ନାୟକ, ବରିଷ୍ଠ ଆଇନଜୀବୀ ଶୁଭେନ୍ଦୁ ମହାପାତ୍ର, ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମଳା ମହାପାତ୍ର, ସୁକାନ୍ତି ସାହୁ, କବିତାମୟୀ ସର, ଅକ୍ଷୟ କୁମାର ସର, ଉପମା ସାମଲ, ପ୍ରକାଶ ପଟ୍ଟନାୟକ, ଜ୍ୟୋତିର୍ମୟୀ ନାଥ, ଦୀପ୍ତିମୟୀ ଲେଙ୍କା, ବୈକୁଣ୍ଠ ବିହାରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ପରିଚାଳନା ସମ୍ପାଦକ ଅଞ୍ଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ଶାଣ୍ଡିଲ୍ୟ ବସନ୍ତ କୁମାର ମହାପାତ୍ରଙ୍କ ୯୭ତମ ଜୟନ୍ତୀ ଅବସରରେ ସ୍ମୃତିସଭା।

# ୩ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

## ପାରିବାରିକ କଳହରୁ ମାଡ଼ମାରିବା ମାମଲା

ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳରେ ପାରିବାରିକ କଳହରୁ ମାଡ଼ ମାରିବା ନେଇ ଥିବା ଏକ ମାମଲାର ରାୟ ୯ବର୍ଷ ପରେ ପ୍ରକାଶ ପାଇଛି। ଏହି ମାମଲାର ଶୁଣାଣି କରି ଗଁଦିଆ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୌରଭ ପ୍ରଧାନ ମଙ୍ଗଳବାର ୩ ଅଭିଯୁକ୍ତ ବିଶ୍ୱନାଥପୁର ଗ୍ରାମର ନିରଞ୍ଜନ ପ୍ରଧାନ, ନିତ୍ୟାନନ୍ଦ ପ୍ରଧାନ ଓ ସତ୍ୟାନନ୍ଦ ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେବେ ପ୍ରୋବେଶନ ଅଫ୍ ଅଫେଣ୍ଡର୍ସ ଆକ୍ଟର ଧାରା–୩ ଅନୁଯାୟୀ ସେମାନେ କୌଣସି ଦଣ୍ଡ ନ ଭୋଗି ଆଇନର କଡ଼ା ନିରୀକ୍ଷଣରେ ରହିବା ଲାଗି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ୨୦୧୫ ମସିହା ମାର୍ଚ୍ଚ ୩ରେ ଗଁଦିଆ ଥାନା ବିଶ୍ୱନାଥପୁର ଗ୍ରାମର ସୁଧାକର ପ୍ରଧାନଙ୍କୁ ଅଭିଯୁକ୍ତମାନେ ଜମିବାଡି ବିବାଦକୁ ନେଇ ମାଡ଼ ମାରିବା ସହିତ ଗାଳିଗୁଲଜ କରିଥିଲେ। ଏ ନେଇ ଅଭିଯୋଗକାରୀ ସୁଧାକର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ମାମଲା ଗଁଦିଆ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ବିଚାରାଧୀନ ଥିଲା। ବର୍ତ୍ତମାନ ଉଭୟ ପକ୍ଷଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଥିବାରୁ ଏବଂ ଉଭୟ ପାରିବାରିକ ସମ୍ପର୍କୀୟ ହୋଇଥିବାରୁ ତଥା ଦୋଷୀମାନଙ୍କ ଅର୍ଥନୈତିକ ପରିସ୍ଥିତି, ସାମାଜିକ ଅବସ୍ଥା ଓ ବୟସକୁ ଦୃଷ୍ଟିରେ ରଖି ଅଦାଲତ କଡ଼ା ଶବ୍ଦରେ ଘଟଣାର ୩ ଅଭିଯୁକ୍ତଙ୍କୁ ଭର୍ତ୍ସନା କରିଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଶାଶ୍ୱତ ଜେନା ପରିଚାଳନା କରିଥିବା ବେଳେ ଏପିପି ବିଶ୍ୱନାଥ ନାୟକ ଏବଂ କାମାକ୍ଷା ପ୍ରସାଦ ରଣା ସହଯୋଗ କରିଥିଲେ।

# ରାସୋଳକୁ ଏନ୍‌ଏସି ମାନ୍ୟତା ଦାବି

ରାସୋଳ,୨୭।୨(ସରୋଜ କୁମାର ମିଶ୍ର)

ଢେଙ୍କାନାଳ ଜିଲା ରାସୋଳକୁ ଏନ୍‌ଏସି କରିବା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଗତ ୨୪ ତାରିଖରେ ରାଜ୍ୟ ସରକାର ୩୪ଟି ନୂତନ ଏନ୍‌ଏସି ପାଇଁ ଘୋଷଣା କରିଥିଲେ। ଏଥିରୁ ରାସୋଳକୁ ବାଦ ଦିଆଯାଇଛି। ରାସୋଳ ବିକାଶ ପରିଷଦ ଏବଂ ବିଭିନ୍ନ ବ୍ୟକ୍ତି ବିଶେଷ ଜୁଲାଇ ୨୩ରେ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଗସ୍ତ ସମୟରେ ରାସୋଳକୁ ଏନ୍‌ଏସି ମାନ୍ୟତା ଦେବା ପାଇଁ ଲିଖିତ ଅନୁରୋଧ କରିଥିଲେ। ଏହା ପୂରଣ ନ ହେବାରୁ ବିକାଶ ପରିଷଦ ସଭ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ ଓ ବିଭିନ୍ନ ରାଜନୈତିକ ବ୍ୟକ୍ତିଙ୍କୁ ନେଇ ୨୫ ଫେବୃଆରୀ ୨୦୨୪ରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ରାସୋଳକୁ ଏନ୍‌ଏସି ମାନ୍ୟତା ଦେବା ପାଇଁ ସୋମବାର ଢେଙ୍କାନାଳ ଜିଲାପାଳ, ହିନ୍ଦୋଳ ଉପଜିଲାପାଳ ଏବଂ ଢେଙ୍କାନାଳ ଏମ୍‌ପିଙ୍କୁ ଲିଖିତ ଆକାରରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିକୁ ସରକାର ବିଚାର ନ କଲେ ଆଗାମୀ ଦିନରେ ଜନଆନ୍ଦୋଳନ ଏବଂ କଟକ–ସମ୍ବଲପୁର ରାସ୍ତା ଅବରୋଧ କରାଯିବ ବୋଲି ବିକାଶ ପରିଷଦ ସଭାପତି ମହେଶ୍ୱର ନାଏକ, ସମ୍ପାଦକ ଭାସ୍କର ନାଏକ, ଲିଙ୍ଗରାଜ ସାହୁ, ଅନିଲ ସର, ସନ୍ତୋଷ ସାହୁ, ଚନ୍ଦନ ନାଏକ ପ୍ରମୁଖ ଚେତାବନୀ ଦେଇଛନ୍ତି।



# ମନ୍ଦିର ଉଚ୍ଛେଦ ପରେ ଥଇଥାନ ହେଲେନି ଠାକୁର

## ଜିଲାପାଳଙ୍କୁ ଭେଟିଲେ ବସ୍ ମାଲିକ ସଂଘ, ବସ୍‌ଷ୍ଟାଣ୍ଡ ପୂଜା କମିଟି

ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ପରିସରରେ ଦୀର୍ଘ ଦିନରୁ ଏକ ଆଖଣ୍ଡଳମଣିଙ୍କ ମନ୍ଦିର ରହିଥିଲା। ଆମ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଗତ ଜୁଲାଇ ୨୦୨୩ରେ ଏହି ମନ୍ଦିରକୁ ତତ୍କାଳୀନ ଜିଲାପାଳଙ୍କ ସମୟରେ ଉଚ୍ଛେଦ କରାଯାଇଥିଲା। ଏଥିସହିତ ମନ୍ଦିର ପାଇଁ ବସ୍‌ଷ୍ଟାଣ୍ଡ ନିକଟରେ ଏକ ଜାଗା ପ୍ରଦାନ କରାଯିବା ନିମନ୍ତେ ତତ୍କାଳୀନ ଜିଲାପାଳ, ତତ୍କାଳୀନ ତହସିଲଦାରଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ସେଥିପର୍ଯ୍ୟନ୍ତ ଠାକୁରଙ୍କୁ ଜଣେ ପୂଜକଙ୍କ ଦାୟିତ୍ୱରେ ଦିଆଯାଇଥିଲା। ପୂଜକ ଶ୍ୟାମାଚରଣପୁରଠାରେ ଏକ ମନ୍ଦିରରେ ଠାକୁରଙ୍କୁ ନେଇ ରଖିଥିଲେ। କିନ୍ତୁ ଠାକୁରଙ୍କ ଦୈନନ୍ଦିନ ପୂଜା, ନୈବେଦ୍ୟ ଓ ଅନ୍ୟାନ୍ୟ ଦିବସରେ ସ୍ୱତନ୍ତ୍ର ପୂଜା ପାଇଁ ଅର୍ଥ ଯୋଗାଡ କରିବା ତାଙ୍କ ପକ୍ଷରେ କଷ୍ଟକର ହୋଇପଡିଥିଲା। ଏ ସମ୍ପର୍କରେ ପୂଜକ ବିକାଶ ରଥ ବସ୍‌ଷ୍ଟାଣ୍ଡ ପୂଜା କମିଟି ଓ ବସ୍ ମାଲିକ ଆସୋସିଏଶନ କର୍ମକର୍ତ୍ତାଙ୍କୁ ଜଣାଇବା ସହିତ ପ୍ରଶାସନକୁ ମଧ୍ୟ ଲିଖିତ ଭାବେ ଜଣାଇଥିଲେ। ଏ ସଂକ୍ରାନ୍ତରେ ମଙ୍ଗଳବାର ବସ୍‌ଷ୍ଟାଣ୍ଡ ପୂଜା କମିଟି ସଭାପତି ଜୟନ୍ତ ମିଶ୍ରଙ୍କ ସମେତ ବସ୍ ମାଲିକ ସଂଘ ସଭାପତି ପ୍ରଭାକର ବେହେରା, କର୍ମକର୍ତ୍ତା ରୁଦ୍ର ନାରାୟଣ ତ୍ରିପାଠୀ, ସଞ୍ଜୀବ ତ୍ରିପାଠୀ ପ୍ରମୁଖ ଜିଲାପାଳଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ କହିଲେ, ବସ୍‌ଷ୍ଟାଣ୍ଡ ନିକଟରେ ପୁନର୍ବାର ମନ୍ଦିର ହେଲେ ଭବିଷ୍ୟତରେ ଉଚ୍ଛେଦ ସମ୍ଭାବନା ରହିଛି। ଏ ସମ୍ପର୍କରେ ଆଲୋଚନା କରି ଯାହାକିଛି ପଦକ୍ଷେପ ନିଆଯିବ।

# ସ୍ୱାମୀ ନିଖୋଜ: ସ୍ତ୍ରୀ ଥାନାର ଦ୍ୱାରସ୍ଥ

କାମାକ୍ଷାନଗର,୨୭।୨(ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ପଥରକଟା ଗ୍ରାମର କାଳନ୍ଦୀ ମୁଣ୍ଡା କେଉଁଆଡେ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ସ୍ତ୍ରୀ ରାଧି ମୁଣ୍ଡା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। କାଳନ୍ଦୀ ଅନୁଗୋଳରେ ଥିବା ଏକ ଘରୋଇ କମ୍ପାନୀରେ କାମ କରନ୍ତି। ଗତ ଶୁକ୍ରବାରଠାରୁ ସେ କେଉଁଆଡେ ନିଖୋଜ ହୋଇଯାଇଛନ୍ତି। ଘରୁ ଗଲାବେଳେ ସେ ଏକ ଗୋଲାପୀ ସାର୍ଟ ସହ ହାପ ପ୍ୟାଣ୍ଟ ପିନ୍ଧିଥିଲେ। ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ସନ୍ଧାନ ମିଳୁ ନ ଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।



# ଓପିଏସ୍ କଲେଜରେ ଜାତୀୟ ସମ୍ମାନ




ଓଡ଼ାପଡ଼ା,୨୭।୨(ରଞ୍ଜିତ ନାୟକ)

ହିନ୍ଦୋଳ ରୋଡସ୍ଥିତ ଓପିଏସ୍ କଲେଜରେ ସଂସ୍କୃତ ବିଭାଗ ଦ୍ୱାରା ଆୟୋଜିତ ଏକ ରାଜ୍ୟସ୍ତରୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱ ବିଦ୍ୟାଳୟର ସ୍ନାତକୋତ୍ତର ସଂସ୍କୃତ ବିଭାଗର ପ୍ରାଧ୍ୟାପକ ଡ. ବ୍ରଜସୁନ୍ଦର ମିଶ୍ର ଯୋଗଦେଇ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ସଂସ୍କୃତର ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କ୍ଷୟପ୍ରାପ୍ତ ଓଡ଼ିଆ ଲୋକ କଳା ସଂସ୍କୃତିର ପୁନଃପ୍ରସାର ତଥା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଫଳ ରୂପାୟନରେ ପ୍ରମୁଖ ଅବଦାନ ପାଇଁ ଓଡ଼ିଆ ଅଧ୍ୟାପକ ଡ. ଦେବାନନ୍ଦ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ, ସାତମାଇଲର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କୁମର ଚନ୍ଦ୍ର ସାହୁ, ପାରିମାଳ କଲେଜ, ମହିମା କଲେଜ, ହିନ୍ଦୋଳ କଲେଜ ସମେତ ଅନେକ କଲେଜର ଅଧ୍ୟାପିକାଅଧ୍ୟାପକ ଏହି ସମ୍ମାନରେ ଭାଗ ନେଇଥିଲେ। କଲେଜ ଅଧ୍ୟାପକ ଡ. ଦୀନନାଥ ଦାସ, ଗୁରୁଚରଣ ରାଉତରାୟ, ରଞ୍ଜନ ସାହୁ, ମନୋଜ ରାଉତ, ନୀଳକଣ୍ଠ ଦାସ, ନୟନା ବରାଳ, ଲିପ୍ସିତା ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ବରିଷ୍ଠ ପାଲାଗାୟକଙ୍କ ପରଲୋକ

ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ପାଇକ ପୁରୁଣାକୋଟ ପଞ୍ଚାୟତ କଙ୍କାଲୁ ଗ୍ରାମର ଶ୍ରୀନିବାସ ପଣ୍ଡାଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୯୨ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ଥାନୀୟ ଲିଙ୍ଗିରା ନଦୀକୂଳ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପୋଲିସ ବିଭାଗରେ କାମ କରୁଥିବା ତାଙ୍କ ବଡପୁଅ ପ୍ରଭାତ ପଣ୍ଡା ମୁଖାଗ୍ନି ଦେଇଥିଲେ। ସେ ଜଣେ ପାଲାଗାୟକ ଓ ଜ୍ୟୋତିଶ ଭାବରେ ଆଖପାଖ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କର ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।



# ସହାୟତାର ସୁବିନିଯୋଗ କର

ଓଡ଼ାପଡ଼ା,୨୭।୨ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ପରିସରରେ ମିଶନ ଶକ୍ତି ମହିଳାଙ୍କୁ ସରକାରଙ୍କପକ୍ଷରୁ ଯୋଗାଇଦିଆଯାଉଥିବା ସହାୟତା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡରେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ଓଡ଼ାପଡ଼ା ବ୍ଲକ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ଜିଲାପରିଷଦ ସଦସ୍ୟ ବାଳକୃଷ୍ଣ ସାହୁ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ ଷଡଙ୍ଗୀ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ମିଶନ ଶକ୍ତି ମହିଳାଙ୍କୁ ଯୋଗାଇ ଦିଆଯାଉଥିବା ସହାୟତାର ସୁବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସିଡିପିଓ ନିବେଦିତା ତ୍ରିପାଠୀ ପରିଚାଳନା କରିଥିଲେ।



# ଅତିରିକ୍ତ ଜିଲାପାଳଙ୍କ ବଦଳି

ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳର ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରାଙ୍କ ମଙ୍ଗଳବାର ବଦଳି ହୋଇଛି। ତାଙ୍କର ଜଗତସିଂହପୁର ଜିଲା ପାରାଦୀପ ଅତିରିକ୍ତ ଜିଲାପାଳ ଭାବେ ବଦଳି ହୋଇଥିବା ସୂଚନା ମିଳିଛି। ସେହିପରି ଜଗତସିଂହପୁର ଜିଲାରେ କାର୍ଯ୍ୟରତ ଅତିରିକ୍ତ ଜିଲାପାଳ ଅନିତା ପାତ୍ରଙ୍କ ଢେଙ୍କାନାଳ ଜିଲା ଅତିରିକ୍ତ ଜିଲାପାଳ ଭାବେ ବଦଳି ହୋଇଛି। ଏଥିସହ ଅନୁଗୋଳରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଥିବା ଉଦୟ କୁମାର ମହାପାତ୍ରଙ୍କର ମୟୂରଭଞ୍ଜ ଜିଲାକୁ ଅତିରିକ୍ତ ଜିଲାପାଳ ଭାବେ ବଦଳି ହୋଇଛି। ପୁରୀ ଜିଲାର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଅନୁଗୋଳ ଅତିରିକ୍ତ ଜିଲାପାଳ ଭାବେ ବଦଳି କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅବଗତ କରାଯାଇଛି।

# ବିଜେଡି ଛାଡ଼ିଲେ ପୂର୍ବତନ ନଗରପାଳ



ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳ ପୌରସଂସ୍ଥାର ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ(ନବୀନ) ମଙ୍ଗଳବାର ବିଜୁ ଜନତା ଦଳ ଛାଡ଼ିଛନ୍ତି। ସେ ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ ଇସ୍ତଫା ପ୍ରଦାନ କରିଥିବା ସନ୍ଧ୍ୟାରେ ସୂଚନା ଦେଇଛନ୍ତି। ଏହାର ନକଲ ସେ ଜିଲା ବିଜେଡି ସଭାପତି ତଥା ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁଙ୍କୁ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି। ବ୍ୟକ୍ତିଗତ କାରଣରୁ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ନବୀନ ପ୍ରକାଶ କରିଛନ୍ତି। ଆସନ୍ତା ୨୯ ତାରିଖରେ ସେ ଭୁବନେଶ୍ୱରଠାରେ ଭାଜପାରେ ଯୋଗ ଦେବାର ସମ୍ଭାବନା ରହିଛି ବୋଲି ତାଙ୍କ ସମର୍ଥକମାନଙ୍କ ସୂତ୍ରରୁ ଜଣାପଡିଛି। ପ୍ରକାଶ ଯେ, ନବୀନ ଭାଜପାରୁ ୨୧ ଅକ୍ଟୋବର ୨୦୧୬ରେ ଢେଙ୍କାନାଳ ପୌରସଂସ୍ଥାର ନଗରପାଳ ହୋଇଥିଲେ। ଏହାପରେ ସେ ବିଜେଡିରେ ଯୋଗ ଦେଇଥିଲେ। ଏପରି କି ଜିଲା ବିଜେଡି ଉପସଭାପତି ପଦବୀରେ ମଧ୍ୟ ରହିଥିଲେ। ଗତ ପୌର ନିର୍ବାଚନରେ ତାଙ୍କ ସ୍ତ୍ରୀ ଅନିମା ନାୟକ ବିଜେଡି ପ୍ରାର୍ଥୀ ଭାବେ ସିଧାସଳଖ ନିର୍ବାଚନ ଲଢ଼ି ଭାଜପା ପ୍ରାର୍ଥୀ ତଥା ବର୍ତ୍ତମାନର ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ଠାରୁ ପରାସ୍ତ ହୋଇଥିଲେ। ଏକଦା ସ୍ଥାନୀୟ ବିଧାୟକଙ୍କ ସମର୍ଥକ ଥିବା ନବୀନ ପୌର ନିର୍ବାଚନରେ ସ୍ତ୍ରୀଙ୍କ ପରାଜୟ ପରେ ବିଜେଡିରେ ଏକପ୍ରକାର କୋଣଠେସା ହୋଇଯାଇଥିଲେ ବୋଲି ତାଙ୍କ ସମର୍ଥକଙ୍କ ପକ୍ଷରୁ କୁହାଯାଇଛି। ବିଜେଡିରୁ ତାଙ୍କ ଇସ୍ତଫାକୁ ନେଇ ସହରରେ ନାନା ଚର୍ଚ୍ଚା ଆରମ୍ଭ ହୋଇଛି।

# ସମସ୍ତ ଜଳାଶୟର ସୁରକ୍ଷା ଦାବି ଜୋର ଧରିଲା



ଢେଙ୍କାନାଳ,୨୭।୨(ରତନ ନାୟାର)

■ସଚେତନ ନାଗରିକ ଫୋରମ କର୍ମକର୍ତ୍ତା ଜିଲାପାଳଙ୍କୁ ଭେଟିଲେ

■ପଙ୍କ, ମାଟି ସ୍ଥାନାନ୍ତର ନ ହେଲେ ଆନ୍ଦୋଳନ ତୀବ୍ରତର ହେବ

ଢେଙ୍କାନାଳ ସହର ଭାଗୀରଥି ସାଗର ସମେତ ସମସ୍ତ ଜଳାଶୟର ସୁରକ୍ଷା ପାଇଁ ଦାବି ଜୋର୍ ଧରିଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସଚେତନ ନାଗରିକ ଫୋରମ ସଭାପତି ସୁରେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ଭେଟିଥିଲେ। ସହରର ସମସ୍ତ ଜଳାଶୟର ସୁରକ୍ଷା ଦୃଷ୍ଟିରୁ ଜଳାଶୟ ମଧ୍ୟରେ କୌଣସି ପ୍ରକାର ପଙ୍କ ଏବଂ ମାଟି ନ ରଖି ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଏହି କାର୍ଯ୍ୟ ଏକ ସପ୍ତାହ ମଧ୍ୟରେ ଜିଲାପାଳ ତଦାରଖ କରି ନିଷ୍ପତ୍ତି ନେବା ପାଇଁ ଅନୁରୋଧ କରାଯାଇଥିଲା। ଏହାସତ୍ତ୍ୱେ ପୌରସଂସ୍ଥା ପକ୍ଷରୁ ଯଦି ଜଳାଶୟ ମଧ୍ୟରେ ମାଟି ଗଦାଯାଏ, ତେବେ ଢେଙ୍କାନାଳରେ ଏକ ବଡ଼ଧରଣର ଆନ୍ଦୋଳନ ହେବାର ସମ୍ଭାବନା ରହିଛି ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ। ଫୋରମ ପକ୍ଷରୁ ସମ୍ପାଦକ ଭରତ କୁମାର ଦାସଙ୍କ ସମେତ ପୂର୍ବତନ ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ଶୁଭେନ୍ଦୁ ମହାପାତ୍ର, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଭାଗୀରଥି ସାଗର ସୁରକ୍ଷା ସମିତି ସଭାପତି ଅଶୋକ କୁମାର ସ୍ୱାଇଁ, ପ୍ରଭାତୀ ମହାପାତ୍ର, ପ୍ରଶାନ୍ତ ମିଶ୍ର, ଆଇନଜୀବୀ ଗୁପ୍ତେଶ୍ୱର ମିଶ୍ର, ରୁଦ୍ରାନ୍ତ ଦଳେଇ, ରାମଚନ୍ଦ୍ର ଦେବତା, ପଙ୍କଜ ନାୟକଙ୍କ ସମେତ ବହୁ ବ୍ୟକ୍ତି ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ। ଏ ସଂକ୍ରାନ୍ତରେ ଜିଲାପାଳ ମନୋରଞ୍ଜନ ମଲ୍ଲିକ କହିଛନ୍ତି, ପୌରସଂସ୍ଥାର ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ଡାକି ଆଲୋଚନା କରାଯିବ। ଫୋରମ ପକ୍ଷରୁ ମଧ୍ୟ ୫ଜଣ ପ୍ରତିନିଧି ଉପସ୍ଥିତ ରହିବେ। ସମସ୍ତ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଯାହା ପଦକ୍ଷେପ ନିଆଯିବ।

# ଜିଲାପାଳଙ୍କୁ ପତ୍ର ଲେଖିଲେ ବିଧାୟକ

ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳର ସମସ୍ତ ଜଳାଶୟର ସୁରକ୍ଷା ପାଇଁ ସଚେତନ ନାଗରିକ ଫୋରମ ଆହ୍ୱାନରେ ଦାବି ଜୋର ଧରିଥିବା ବେଳେ ବିଧାୟକ ସୁଧୀର କୁମାର ସାମଲ ଜିଲାପାଳଙ୍କୁ ଏକ ପତ୍ର ଲେଖିଛନ୍ତି। ଜଳାଶୟର ପାର୍ଶ୍ୱବର୍ତ୍ତୀ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରି ଉନ୍ନତୀକରଣ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିବା ନିମନ୍ତେ ପୌର ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଜିଲାପାଳ ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ବିଧାୟକ ତାଙ୍କ ପତ୍ରରେ ଅନୁରୋଧ କରିଛନ୍ତି। ବିଧାୟକ ଆହୁରି ଲେଖିଛନ୍ତି, ଢେଙ୍କାନାଳ ସହରରେ ଅନେକ ପୋଖରୀର ଉନ୍ନତୀକରଣ ନିମନ୍ତେ ରାଜ୍ୟ ସରକାରଙ୍କ ଠାରୁ ୫–ଟି ଅଧୀନରେ ଲକ୍ଷାଧିକ ଟଙ୍କା ଆସିଛି। ବର୍ତ୍ତମାନ ଏହାର କାର୍ଯ୍ୟ ଆରମ୍ଭ ହୋଇଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ଦ୍ୱାରା ପୋଖରୀଗୁଡିକର ରୂପାନ୍ତରଣ କରାଯାଉଥିବାରୁ ସହରବାସୀ ବିଶେଷ ଖୁସି ପ୍ରକଟ କରିଛନ୍ତି। କିନ୍ତୁ ଜଳାଶୟର ଉନ୍ନତୀକରଣ କାର୍ଯ୍ୟକୁ ନେଇ ସମ୍ପୃକ୍ତ ଅଞ୍ଚଳବାସୀ କିଛି ଅସନ୍ତୋଷ ବ୍ୟକ୍ତ କରିଥିବା ଦୃଷ୍ଟିକୁ ଆସିଛି। ସେଥିପାଇଁ ପୋଖରୀଗୁଡିକ ଉନ୍ନତୀକରଣ କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହୋଇପାରିବ ଏବଂ ବିଶେଷ ଭାବରେ ପଙ୍କ ଉଦ୍ଧାର କରାଯାଇ ପୋଖରୀ ମଧ୍ୟରେ, ହୁଡାରେ ଏହାକୁ ପକାନଯାଇ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ପାଇଁ ବିଧାୟକ ଜଣାଇଛନ୍ତି।

### ବିଜେଡିରୁ କାର୍ତ୍ତିକ ସାହୁ ବହିଷ୍କୃତ

ଭୁବନେଶ୍ୱର,(ଅନିଲ ଦାସ): ଢେଙ୍କାନାଳ ଜିଲା କଙ୍କଡାହାଡ ବ୍ଲକର କାର୍ତ୍ତିକ ସାହୁଙ୍କୁ ବିଜୁ ଜନତା ଦଳରୁ ବହିଷ୍କାର କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଦଳରୁ ବହିଷ୍କାର କରାଯାଇଛି। ମଙ୍ଗଳବାର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ଦିଆଯାଇଥିବା ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ସଞ୍ଜୀବ କୁମାର ସାଧାରଣ ସମ୍ପାଦକ

ଅନୁଗୋଳ,୨୭।୨(ଅମିତ କୁମାର ସାମଲ)

ଓଡ଼ିଶା କଂଗ୍ରେସ କମିଟି ଓବିସି ବିଭାଗର ରାଜ୍ୟ କର୍ମକର୍ତ୍ତା ମନୋନୀତ କରିଛନ୍ତି। ଏ ନେଇ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ଓବିସି ବିଭାଗ ସଭାପତି ବିଜୟାନନ୍ଦ ଚାଉଳିଆ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି। ଏଥିରେ ଅନୁଗୋଳ ଜିଲାର ଯୁବ ସଙ୍ଗଠକ ସଞ୍ଜୀବ କୁମାର ମାଣ୍ଡୋଠିଆ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ପୂର୍ବରୁ ସଞ୍ଜୀବ କୁମାର ଜିଲା ଛାତ୍ର କଂଗ୍ରେସ ଉପସଭାପତି, ଜିଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ, ଜିଲା ଯୁବ ଶ୍ରମିକ କଂଗ୍ରେସ ଉପସଭାପତି, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଓ ଜିଲା କଂଗ୍ରେସ କମିଟିର କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ସୁଚାରୁ ରୂପେ ତୁଲାଇଛନ୍ତି। ଏହି ନୂତନ ଦାୟିତ୍ୱ ପାଇବା ପରେ ସଞ୍ଜୀବ ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ସଭାପତି ରାହୁଲ ଗାନ୍ଧୀ, ଅଖିଳ ଭାରତୀୟ କଂଗ୍ରେସ କମିଟି ଓବିସି ବିଭାଗ ଅଧ୍ୟକ୍ଷ କ୍ୟାପଟେନ ଅଜୟ ସିଂହ ଯାଦବ, ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ, ରାଜ୍ୟ କଂଗ୍ରେସ ଓବିସି ସଭାପତି ବିଜୟାନନ୍ଦ ଚାଉଳିଆଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ତାଳଚେର ଷ୍ଟେଶନକୁ ସମସ୍ତ ଯାତ୍ରୀବାହୀ ଟ୍ରେନ୍ ଆସୁ

ତାଳଚେର,୨୭।୨(ମନୋଜ ନନ୍ଦ)

ଅନୁଗୋଳ ଦେଇ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଟ୍ରେନ୍ ତାଳଚେର ଷ୍ଟେଶନକୁ ଆସିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଳଚେର ରେଳ ୟୁଜର୍ସ କମିଟି ପକ୍ଷରୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ୧୯୨୭ ମସିହାରେ ସ୍ଥାପିତ ତାଳଚେର ଷ୍ଟେଶନ ଭାରତୀୟ ରେଲୱେର ସବୁଠାରୁ ପୁରୁଣା ଷ୍ଟେଶନ। ବର୍ତ୍ତମାନ ଏହା ଦୈନିକ ହାରାହାରି ୩୦ କୋଟି ଟଙ୍କାରୁ ଅଧିକ ଆୟ ରେଳ ବିଭାଗକୁ ଦେଇ ସବୁଠାରୁ ଅଧିକ ଆୟକାରୀ ଷ୍ଟେଶନର ମାନ୍ୟତା ପାଇଛି। କିନ୍ତୁ ତାଳଚେର ମଧ୍ୟ ଦେଇ ଯାଉଥିବା ଯାତ୍ରୀବାହୀ ଟ୍ରେନଗୁଡିକ ତାଳଚେର ଷ୍ଟେଶନକୁ ନ ଆସିବା ଦ୍ୱାରା ତାଳଚେରବାସୀ ଟ୍ରେନ ସୁବିଧାରୁ ବଞ୍ଚିତ ହେଉଛନ୍ତି। ପୂର୍ବରୁ ତାଳଚେରବାସୀଙ୍କ ଦାବି ଫଳରେ ତାଳଚେର- ଅନୁଗୋଳ ଷ୍ଟେଶନ ମଧ୍ୟରେ ଏକ ଲୁପ ଲାଇନ ତିଆରି ପାଇଁ ରେଳ ବିଭାଗ ପକ୍ଷରୁ ସର୍ଭେ କାର୍ଯ୍ୟ ହୋଇଥିଲେ ମଧ୍ୟ ତାହା ବର୍ତ୍ତମାନ ଅନ୍ଧାର ମଧ୍ୟରେ ରହିଛି। ଅଧିକ ଆୟ ଦେଉଥିବା ତାଳଚେର ଷ୍ଟେଶନର ଯାତ୍ରୀମାନଙ୍କ ପାଇଁ କୌଣସି ପ୍ରକାର ଆନୁସଙ୍ଗିକ ସୁବିଧା ନାହିଁ। ତାଳଚେରର ବିଭିନ୍ନ ସ୍ଥାନରେ ଓଭରବ୍ରିଜ୍ ଆବଶ୍ୟକତା ଥିଲେ ମଧ୍ୟ ତାହା ନ ହେବା ଦ୍ୱାରା ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଦୂଷଣ ହ୍ରାସ ସହ ବେକାର ସମସ୍ୟା ଦୂର କରି ଆମ୍ ନିଯୁକ୍ତି ସୃଷ୍ଟି ପାଇଁ ସମସ୍ତ କୋଇଲା ବୋଝେଇ ଟ୍ରେନରେ ପାଇ ଭିଡ଼ିଲେ ତାଳଚେର ଜନସାଧାରଣ ଉପକୃତ ହୋଇପାରିବେ। ପୂର୍ବରୁ ଏହି ଦାବି ନେଇ ବାରମ୍ବାର ଏଆରଏମଙ୍କ ମାଧ୍ୟମରେ ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଏହାର ପ୍ରତିବାଦରେ ଗତ ୧୯ ତାରିଖରେ ତାଳଚେର ରେଳ ଷ୍ଟେଶନଠାରେ ତାଳଚେର ରେଳ ୟୁଜର୍ସ କମିଟି ପକ୍ଷରୁ ୧୨ ଘଣ୍ଟିଆ ଗଣଧାରଣା ଦିଆଯାଇଥିଲା। ତେଣୁ ତୁରନ୍ତ ଦାବିଗୁଡିକ ପୂରଣ କରାଯାଉ ବୋଲି କମିଟି ସଭାପତି ସଂଗ୍ରାମ କେଶରୀ କୁଅଁର, ଅଭୟ ପାଣି, ନକୁଳ ସାହୁ, କେଶବ ଭୂତିଆ, ସଞ୍ଜୀବ ନାୟକ, ସୁଭାଷ ଦେହୁରୀ, ଅନ୍ତର୍ଯ୍ୟାମୀ ପ୍ରଧାନ, ସୁଦୀପ ରଥ, ବିଜୟ କୁମାର ମିଶ୍ର, ଚୈତନ୍ୟ ପ୍ରଧାନ, ତ୍ରିଲୋଚନ ନାଏକ, ପଦ୍ମନାଭ ସାହୁ, ଶରତ ଚନ୍ଦ୍ର ଦାସ, ପ୍ରଦୀପ ମହାରଣା, ସୌଭାଗିନୀ ଦେବୀ, ଗଗନ ଦାସ ପ୍ରମୁଖ ଦାବି କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ୯ ଦଫା ଦାବିପତ୍ର

ତାଳଚେର,୨୭।୨(ମନୋଜ ନନ୍ଦ)



୯ ଦଫା ଦାବି ନେଇ ମାର୍ଚ୍ଚ ୧୫ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଟ୍ରେନ୍ ଯୋଗେ କୋଇଲା ଚାଲାଣ ବନ୍ଦ କରାଯିବ ବୋଲି ମଙ୍ଗଳବାର ତାଳଚେର ରେଳ ୟୁଜର୍ସ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତାଳଚେର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ତାଳଚେର-ଅନୁଗୋଳ ଲୁପ୍ ଲାଇନ ପାଇଁ ରାଜ୍ୟ ସରକାର ଜମି ଯୋଗାଇ ଦେଉନାହାନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଥିବାରୁ ଲୁପ୍ ଲାଇନ ପାଇଁ ଶୀଘ୍ର ଜମି ଯୋଗାଇ ଦିଆଯାଉ। ପୂର୍ବରୁ ତାଳଚେରବାସୀ ବାରମ୍ବାର ୯ ଦଫା ଦାବି କରିଥିଲେ ମଧ୍ୟ ତାହା ପୂରଣ ପାଇଁ କର୍ତ୍ତୃପକ୍ଷ କୌଣସ ପଦକ୍ଷେପ ନେଉ ନ ଥିବାରୁ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି।

# ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ

ବଇଣ୍ଡା,୨୭।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ଅନେକ ସମସ୍ୟା ଲାଗି ରହିଛି। ସେଗୁଡିକ ସମାଧାନ କରାଯାଉ ନ ଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ କୃଷକ ମହାସଂଘ ଆଠମଲ୍ଲିକ ଶାଖା ପକ୍ଷରୁ ସୋମବାର ୮ ଦଫା ଦାବିରେ ଅନୁଗୋଳ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ମାନଯୋର ପ୍ରକଳ୍ପ ପାଇଁ ନିର୍ଦ୍ଧାରିତ ହୋଇଥିବା ଆୟକଟ ଏରିଆ ଅସମ୍ପୂର୍ଣ୍ଣ ସମସ୍ତ କେନାଲ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଉନାହିଁ। ଫଳରେ ଚାଷୀମାନେ ବହୁ ହଇରାଣ ହେଉଛନ୍ତି। ଏଥିସହ ଡ୍ୟାମ୍ ସାଇଟର ପୂର୍ଣ୍ଣକାଳୀନ ବ୍ୟବସ୍ଥା କରାଯାଉ ନାହିଁ। ସେହିପରି ଓପନ କେନାଲରୁ ତେଲ ଅଞ୍ଚଳକୁ ପାଣି ଯିବା ପାଇଁ ନିମ୍ନମାନର କାମ ହୋଇଥିବା କେନାଲ ଗୁଡିକ ଶୀଘ୍ର ମରାମତି କରି ପାଣି ମଡାଇବା ପାଇଁ ସଂଘ ଦାବି କରିଛି। ଏଥିସହ ବିସ୍ଥାପିତ ବରପଦର ଓ କୁମୁରିସିଙ୍ଗାର ଆଦିବାସୀ ଏବଂ ଦଳିତ ଲୋକମାନେ ବର୍ତ୍ତମାନ ସୁଦ୍ଧା ତାଙ୍କର ବାସଗୃହ କ୍ଷତିପୂରଣ ଟଙ୍କା ପାଇନାହାନ୍ତି। ତତ୍‌ସହିତ ବିଶ୍ୱନାଥପୁର ଗ୍ରାମର ୨୨ଟି ପରିବାର ବିସ୍ଥାପିତ ହୋଇ ପାତ୍ରପଡାଠାରେ ଦୁଇ ଏକର ଲେଖାଏ ଜମିପଟା ପାଇଥିଲେ ମଧ୍ୟ ଅଦ୍ୟାବଧି ସରକାରୀ ହିସାବରେ ବିସ୍ଥାପିତ ପରିବାରଙ୍କୁ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଢେଙ୍କାନାଳ ଜମି ଦଖଲ ମଡାଣ ଦେଇ ନାହାନ୍ତି। ଫଳରେ ବିସ୍ଥାପିତଙ୍କ ଦୁଃଖ ବଢିବାରେ ଲାଗିଛି। ମାନଯୋରରେ ଅନେକ କାମ ଚାଲିଥିବାବେଳେ ଠିକ ଭାବେ କାମ କରା ନ ଯାଇ ନିମ୍ନମାନର କାମ କରାଯାଉଛି। ସ୍ୱାସ୍ଥ୍ୟ ସଚିବଙ୍କ ଚିଠି ନମ୍ବର ୨୦୭୭୩ ତା ୧୭।୦୮। ୨୦୨୩ରେ ଜଣେ ଡାକ୍ତରଙ୍କୁ ମାଧପୁର ମେଡିକାଲରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ସମ୍ପୃକ୍ତ ଡାକ୍ତର ଯୋଗ ଦେଉ ନ ଥିବାରୁ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ସରକାର ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନକୋଠା ନିର୍ମାଣ ପାଇଁ ୧୬ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ହେଲେ ଉକ୍ତ କୋଠାଟି ଅନ୍ୟତ୍ର ଜାଗାରେ କରିବା ପାଇଁ ଯୋଜନା କରାଯାଉଛି। ନୂତନ କୋଠା ଅନ୍ୟତ୍ର ସ୍ଥାନାନ୍ତର ହେଲେ ଏ ଅଞ୍ଚଳବାସୀ ବହୁ ହଇରାଣ ହେବେ। ଏହି ସ୍ଥାନରେ ନୂତନ କୋଠା ନିର୍ମାଣ କରାଯାଉ ବୋଲି ସଂଘ ସଭାପତି ଦେବେନ୍ଦ୍ର କୁମାର ପ୍ରଧାନ, ମୁଖ୍ୟ ସଂଯୋଜକ ଅଞ୍ଜନ ପ୍ରଧାନ ଦାବି କରିଛନ୍ତି।

# ବ୍ଲକ ପ୍ରଶାସନ ବିରୋଧରେ ଧାରଣା

ଆଠମଲ୍ଲିକ,୨୭।୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ପ୍ରଶାସନର କାର୍ଯ୍ୟକୁ ବିରୋଧ କରି ଶାସକ ବିଜେଡି ଦଳର ନେତାମାନଙ୍କ ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି, ଆଠମଲ୍ଲିକ ବିଧାୟକଙ୍କ ହାତ ପାଣ୍ଠି ଅର୍ଥରେ ଅନେକ ବିକାଶମୂଳକ କାର୍ଯ୍ୟ ପାଇଁ ଟଙ୍କା ପଡିରହିଥିଲେ ମଧ୍ୟ କୌଣସି କାର୍ଯ୍ୟ ହୋଇପାରୁନାହିଁ। ତେଣୁ ବିଧାୟକଙ୍କ ପାଣ୍ଠିରୁ ପ୍ରସ୍ତାବିତ ପ୍ରକଳ୍ପ ବାବଦରେ ଅତିଶୀଘ୍ର କାର୍ଯ୍ୟାଦେଶ ଦିଆଯାଉ। କାର୍ଯ୍ୟାଦେଶ ପାଇଥିଲେ ମଧ୍ୟ ସମ୍ପୃକ୍ତ ଠିକାଦାରମାନଙ୍କୁ ଲେଆଉଟ ଦିଆଯାଉ ନ ଥିବାରୁ କାର୍ଯ୍ୟ ସମ୍ପୂର୍ଣ୍ଣ ପରେ ବିଲ ପେମେଣ୍ଟ ହେଉନାହିଁ। ତେଣୁ ଏହାକୁ ବିରୋଧ କରି ଧାରଣା ଦିଆଯାଇଥିବା ବିଜେଡି ନେତାମାନେ ପ୍ରକାଶ କରିଛନ୍ତି। ପୂର୍ବରୁ ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ଦାବିପତ୍ର ଦିଆଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ବିଧାୟକଙ୍କ ପୂର୍ବତନ ପ୍ରତିନିଧି କ୍ଷୀରୋଦ ବଘାର ଓ ବିଧାୟକଙ୍କ ଏନଏସି ପ୍ରତିନିଧି ନିରଞ୍ଜନ ରଣା ପ୍ରକାଶ କରିଛନ୍ତି। ଦାବି ପୂରଣ ନ ହେଲେ ଧାରଣା ଚାଲୁ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ତେବେ ବିଡିଓ ସୌଭାଗ୍ୟ ବେହେରା ପହଞ୍ଚି ବୁଝାସୁଝା କରିବା ସହ ଦାବି ପୂରଣ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଏହି ଧାରଣାରେ ବିଜେଡି ନେତା କ୍ଷୀରୋଧ ବଘାର, ରମେଶ ଗୋପାଳ, କବିନ୍ଦ୍ର ଦାଶ, ସୁଶୀଲ ମହାକୁଡ଼, କୃପା ବାରିକ, ଭଞ୍ଜୟ ମହାକୁଡ଼, ଦିଲୀପ ପ୍ରଧାନ, ବିନୋଦ ଗୁରାଣ୍ଡି, ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ସାମିଲ ହୋଇଥିଲେ।



# ବିନା ଅନୁମତିରେ ରାସ୍ତା ଖୋଳା

### ଠିକାସଂସ୍ଥାର ମନମୁଖି କାର୍ଯ୍ୟ ନେଇ ଅସନ୍ତୋଷ

ବଇଣ୍ଡା,୨୭।୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ସାନଗୋବିନ୍ଦପୁରଠାରୁ ଜାତୀୟ ରାଜପଥ ୫୫ ନମ୍ବରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ପିଚୁ ରାସ୍ତାକୁ ଏକ ଠିକାସଂସ୍ଥା ସୋମବାର ଜବରଦସ୍ତ ଖୋଳି ଦେଇଛି। ପୂର୍ତ୍ତ ବିଭାଗଠାରୁ କୌଣସି ଅନୁମତି ନ ନେଇ ଉକ୍ତ ଠିକାସଂସ୍ଥା ରାସ୍ତାକା ଖୋଳି ଦେଇଥିବାରୁ ଗ୍ରାମକୁ ଯାତାୟାତରେ ସମ୍ପୂର୍ଣ୍ଣ ବ୍ୟାଘାତ ସୃଷ୍ଟି ହେଉଛି। ବଣିଆସାହି ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ ମଧ୍ୟ ଠିକାସଂସ୍ଥା ଶୁଣି ନ ଥିବାରୁ ମଙ୍ଗଳବାର ବଇଣ୍ଡା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରେ ଅଭିଯୋଗ କରିଛନ୍ତି।



ଅଭିଯୋଗରୁ ଜଣାପଡିଛି, ଏକ ଘରୋଇ ମୋବାଇଲ ସେବା ପାଇଁ ଠିକାସଂସ୍ଥା ଉକ୍ତ ରାସ୍ତା ପାର୍ଶ୍ୱରେ ୩ ମିଟର ଗଭୀର ଖୋଳିଦେଇଛି। ଏପରିକି ୧ କି.ମି. ପର୍ଯ୍ୟନ୍ତ ରାସ୍ତା ଖୋଳି ଦେଇଥିବାବେଳେ କିଛି ମୋବାଇଲ କେବୁଲ ବିଛାଯାଇଛି। ରାସ୍ତାର ୬୦ ପ୍ରତିଶତ ସ୍ଥାନରେ ମାଟି ଗଦା ଯାଇଥିବାବେଳେ ଏହି ବାଟ ଦେଇ ୪ ଚକିଆ ଯାନ ଯାତାୟାତ କରି ପାରୁନାହିଁ। ରାସ୍ତାରୁ ୩ ମିଟର ଦୂରରେ ଖୋଳିବା ପାଇଁ ନିୟମ ଥିବାବେଳେ ଠିକାସଂସ୍ଥା ପକ୍ଷରୁ ପିଚୁ ନିକଟରୁ ରାସ୍ତାକୁ ଖୋଳି ଦିଆଯାଇଛି। ଏଥିପାଇଁ ଠିକାସଂସ୍ଥା ପୂର୍ତ୍ତ ବିଭାଗଠାରୁ କୌଣସି ଅନୁମତି ଆଣିନାହିଁ। ଅପରପକ୍ଷେ ରାସ୍ତାରେ ମାଟି ଗଦା ଯାଇଥିବା ଯୋଗୁ ଏହି ରାସ୍ତା ଦେଇ ୨ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଯାଉଥିବା ବସ୍ ଅଟକି ରହିବାରୁ ଛାତ୍ରୀଛାତ୍ରମାନେ ଚାଲି ଚାଲି ଯାଉଥିବା ଅଭିଯୋଗ ହୋଇଛି। ଉକ୍ତ ଠିକାସଂସ୍ଥା ପକ୍ଷରୁ ପୂର୍ତ୍ତ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତ କରି ମନ ଇଚ୍ଛା ରାସ୍ତା ଖୋଳାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ କାଶୀନାଥ ମଲ୍ଲିକ କହିଛନ୍ତି, ଉକ୍ତ ରାସ୍ତା ଖୋଳିବା ପାଇଁ ଉକ୍ତ ଠିକାସଂସ୍ଥା ପକ୍ଷରୁ ପୂର୍ତ୍ତ ବିଭାଗଠାରୁ କୌଣସି ଅନୁମତି ନିଆଯାଇ ନାହିଁ। ଅଭିଯୋଗ ପାଇଥିବାରୁ ଉକ୍ତ ଠିକାସଂସ୍ଥା ନାମରେ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ କରାଯିବ।

# ୭୫୦ ନୂତନ ହିତାଧିକାରୀଙ୍କୁ ଭତ୍ତା

କଣିହାଁ,୨୭।୨(ସଚ୍ଚିଦାନନ୍ଦ ପ୍ରଧାନ)

ପାଲଲହଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଣିହାଁ ବ୍ଲକର ୧୯ଟି ପଞ୍ଚାୟତର ୭୫୦ ନୂତନ ହିତାଧିକାରୀଙ୍କୁ ମଙ୍ଗଳବାର ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି। ଏଥିପାଇଁ ଅର୍କିଲ, ପରାବିଲ, ସମଲ, ଦଳକ ଓ ରେଙ୍ଗାଳି ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ପ୍ରଶାସନ ପକ୍ଷରୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ମୁକେଶ କୁମାର ପାଲ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଅନୁଗୋଳ ଜିଲାର ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜକ କୈଳାସ ଚନ୍ଦ୍ର ସାହୁ, ବିଡିଓ ଦେବଦତ୍ତ ପ୍ରଧାନ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଟୁକୁନା ବେହେରା, କାର୍ଯ୍ୟକ୍ରମ ପରିଚାଳନା ଅଧିକାରୀ ବୁଲୁ ବିଶାଳ ପ୍ରମୁଖଙ୍କ ସହିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ନିର୍ବାହୀ ଅଧିକାରୀ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ।



ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ।

# ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ସହଯୋଗ କାମନା

### ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ

ଅନୁଗୋଳ,୨୭।୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମହମ୍ମଦ ଅବଦଲ ଅଖତାରଙ୍କ ଅଧ୍ୟକ୍ଷତାରେ ଆସନ୍ତା ସାଧାରଣ ନିର୍ବାଚନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ସାଧାରଣ ନିର୍ବାଚନରେ ଏମ୍‌ସିଏମ୍‌ସି (ମିଡିଆ ସାର୍ଟିଫିକେଶନ ଆଣ୍ଡ ମନିଟରିଂ କମିଟି)ର ଦାୟିତ୍ୱ ଓ କାର୍ଯ୍ୟାବଳୀ ସମ୍ପର୍କରେ ଜିଲାପାଳ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଭାରତ ନିର୍ବାଚନ ଆୟୋଗ ତଥା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶାଙ୍କ ସମସ୍ତ ନିର୍ଦ୍ଦେଶକୁ ଠିକ୍ ଭାବେ ପାଳନ କରାଯାଇ ଜିଲାରେ ଆଗାମୀ ନିର୍ବାଚନକୁ ଅବାଧ, ନିରପେକ୍ଷ ତଥା ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଆଗାମୀ ନିର୍ବାଚନରେ ଏମ୍‌ସିଏମସି ସମ୍ବନ୍ଧୀୟ ସମସ୍ତ ନୀତିନିୟମ ପାଳନରେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଡେପୁଟି କଲେକ୍ଟର (ନିର୍ବାଚନ) ମମତା ପ୍ରଧାନ, ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି, ତାଳଚେର ଉପଜିଲାପାଳ ମନୋଜ କୁମାର ତ୍ରିପାଠୀ, ଆଠମଲ୍ଲିକ ଉପଜିଲାପାଳ ଜିତେନ୍ଦ୍ର କୁମାର ପାତ୍ର, ପାଲଲହଡା ଉପଜିଲାପାଳ ସୁଶାନ୍ତ କୁମାର ପତି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ହେମନ୍ତ କୁମାର ଦାସଙ୍କ ସମେତ ବିଜୁ ଜନତା ଦଳ, ଭାରତୀୟ ଜନତା ପାର୍ଟି, ଭାରତୀୟ ଜାତୀୟ କଂଗ୍ରେସ, ଆମ ଆଦ୍‌ମି ପାର୍ଟିର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।




ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

# ବ୍ଲକସ୍ତରୀୟ ସୁଧ ଫେରସ୍ତ ମେଳା

ଅନୁଗୋଳ,୨୭।୨(ଅମିତ ସାମଲ)

ମିଶନ ଶକ୍ତି ବିଭାଗ ଦ୍ୱାରା ବ୍ଲକସ୍ତରୀୟ ସୁଧ ଫେରସ୍ତ ମେଳା ସଭାଘରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ରଜନୀକାନ୍ତ ସିଂହ, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ପ୍ରତି ପଞ୍ଚାୟତରୁ ଅଧିକ ସୁଧ ଫେରସ୍ତ ପାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଡମି ଚେକ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ସୁଧ ଫେରସ୍ତ ଯୋଜନାରେ ଅନୁଗୋଳ ବ୍ଲକର ୧୧୮୨ ସ୍ୱୟଂ ସହାୟକ ଗୋଷ୍ଠୀ ୭୦ ଲକ୍ଷ ୯୨ହଜାର ୩୫୯ ଟଙ୍କାର ସୁଧ ଫେରସ୍ତ ପାଇ ଉପକୃତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଡିଓ ଡ .ବିଶ୍ୱଭୂଷଣ, ସିଡିପିଓ ରାତାଞ୍ଜଳୀ ପ୍ରଧାନ, ବନ୍ଧଲା ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ, ଅନୁଗୋଳ କାନାରା ବ୍ୟାଙ୍କ ଶାଖା ପରିଚାଳକ, ପଞ୍ଜାବ ନେସନାଲ ବ୍ୟାଙ୍କ ଶାଖା ପରିଚାଳକ, ମିଶନ ଶକ୍ତି ବିଭାଗ କର୍ମକର୍ତ୍ତା ଓ ସୁଧ ଫେରସ୍ତ ପାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

# ପଞ୍ଚାୟତ ସମିତି ବୈଠକ ବର୍ଜନ

ଅନୁଗୋଳ, ୨୭।୨ (ଅମିତ କୁମାର ସାମଲ)

ଅନୁଗୋଳ ବ୍ଲକ ସମ୍ମିଳନୀ କକ୍ଷ ଠାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ବୈଠକକୁ ଉପସ୍ଥିତ ଥିବା ସରପଞ୍ଚ ଓ ସମିତିସଭ୍ୟମାନେ ବର୍ଜନ କରିଥିଲେ। ବିଭିନ୍ନ ପଞ୍ଚାୟତରେ ନିୟୋଜିତ ହୋଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନିକଟରୁ ଆରମ୍ଭ କରି ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ, କେହି ସେମାନଙ୍କ କଥା କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ କରି ପଞ୍ଚାୟତସ୍ତରୀୟ ପ୍ରତିନିଧିମାନେ ବୈଠକରୁ ଉଠି ଯାଇଥିଲେ। ଏହି ବୈଠକରେ ଅନୁଗୋଳ ବିଧାୟକଙ୍କ ସହ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷା ଏବଂ ବିଡିଓ ଉପସ୍ଥିତ ଥିଲେ।

# ଅନୁଗୋଳ କ୍ରିକେଟ୍ ଏକାଡେମୀ ଉଦ୍‌ଘାଟିତ

ଅନୁଗୋଳ, ୨୭।୨ (ଅମିତ କୁମାର ସାମଲ)

ଅନୁଗୋଳ କଦମ ପଡ଼ିଆ ଠାରେ ମଙ୍ଗଳବାର କ୍ରିକେଟ୍ ଏକାଡେମୀ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡିଶା କ୍ରିକେଟ ସଂଘ(ଓସିଏ) ଅନୁକୂଲ୍ୟରେ ଏହି କ୍ରିକେଟ ଏକାଡମୀ ଉଦଘାଟିତ ହୋଇଛି। ଏହି ଆଭାସି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, କ୍ରୀଡା ମନ୍ତ୍ରୀ ତୁସାରକାନ୍ତି ବେହେରା ଏବଂ ଓସିଏର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅନୁଗୋଳରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡାକ୍ତର ଦୀପକ ଗଡ଼ନାୟକ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଉପସ୍ଥିତ ଥିଲେ। ଅନୁଗୋଳ ଜିଲାରେ କ୍ରିକେଟ୍ ପ୍ରତିଭା ଅନ୍ୱେଷଣ କରିବା ସହ ଜିଲାରୁ ଅନ୍ତର୍ଜାତୀୟ କ୍ରିକେଟର ବାହାର କରିବା ଏକାଡେମୀର ମୁଖ୍ୟ ଲକ୍ଷ୍ୟ ରହିବ। ତୃଣମୂଳସ୍ତରରୁ କ୍ରିକେଟର ସୃଷ୍ଟି କରିବା ସହ ସେମାନଙ୍କୁ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯିବ। ଏହି କ୍ରିକେଟ ଏକାଡେମୀ ଉଦ୍‌ଘାଟନ ଉତ୍ସବରେ ଅନୁଗୋଳ ଜିଲା କ୍ରିକେଟ୍ ଆସୋସିଏସନ୍ ସମ୍ପାଦକ ସାଗର ନାଥଙ୍କ ସହ ଉପସଭାପତି ପ୍ରଭାତ କୁମାର ସିହ୍ନା, ଅରୁଣ କୁମାର ପୁଷ୍ପପାଳକ, ସହ ସମ୍ପାଦକ ଗଙ୍ଗାଧର ପଟ୍ଟନାୟକ, ସତ୍ୟେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ରଞ୍ଜନ କୁମାର ଧିରସାମନ୍ତ, ସଦସ୍ୟ ଶିବ ରାଉତ, ମାୟାଧର ମିଶ୍ର, ସେକ୍ ରଫିକ୍, ବୀରେନ କୁମାର ସାମଲ, ସୂର୍ଯ୍ୟନାରାୟଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଜିଲାର ବିଭିନ୍ନ ସ୍ଥାନର କ୍ରିକେଟର ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।




# ପ୍ରୋଜେକ୍ଟ ଗ୍ରେସ୍ ଅଧୀନରେ ସବୁଜ ପାଠ୍ୟକ୍ରମର ଶୁଭାରମ୍ଭ

ଅନୁଗୋଳ,୨୭।୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାରେ ପ୍ରୋଜେକ୍ଟ ଗ୍ରେସ (ପରିବେଶ ପାଇଁ ସବୁଜ ଓ ପୁନରୁଦ୍ଧାର ଶୈକ୍ଷିକ ପାଠ୍ୟକ୍ରମ) ସବୁଜ ପାଠ୍ୟକ୍ରମର ଶୁଭାରମ୍ଭ ହୋଇଛି। ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଗତ ଶନିବାର ଜିଲାପାଳ ମହମ୍ମଦ ଅବଦଲ ଅଖତାର ଏହାର ଶୁଭାରମ୍ଭ କରିଛନ୍ତି। ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ଢାଞ୍ଚାରେ ପରିବେଶ ସଚେତନତା ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ସିଏସ୍‌ଆର୍ ଶାଖା ଜେଏସ୍‌ପି ଫାଉଣ୍ଡେଶନ ଦ୍ୱାରା ଅନୁଦାନପ୍ରାପ୍ତ ଏବଂ ଅନୁଗୋଳ ଜିଲା ପ୍ରଶାସନ ସହଯୋଗରେ ନିଟକନ ସୋସିଆଲ ଫାଉଣ୍ଡେଶନ ଦ୍ୱାରା ସୁଚାରୁରୂପେ କାର୍ଯ୍ୟକାରୀ କରାଯାଇଥିବା ବ୍ୟାପକ ଗ୍ରୋଇଂ ଉଇଥ୍ ଗ୍ରେସ କାର୍ଯ୍ୟକ୍ରମର ଏକ ମୂଳଦୁଆ ହେଉଛି ଏହି ଅଗ୍ରଣୀ ପଦକ୍ଷେପ। ଗାଷ୍ଠୀସ୍ତରରେ ସବୁଜ ଏବଂ ଜଳବାୟୁ ପରିବର୍ତ୍ତନର ସ୍ଥାୟୀ ପ୍ରତିକାର କରିବା ଲକ୍ଷ୍ୟରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ଦକ୍ଷତା ବିକାଶ କରିବା ଏହି କାର୍ଯ୍ୟକ୍ରମର ଅନ୍ୟ ଏକ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ୧୫୦୦ରୁ ଅଧିକ ଛାତ୍ରୀଛାତ୍ର, ୬୦୦ ପ୍ରଧାନଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ, ବ୍ଲକ ଶିକ୍ଷା ଅଧିକାରୀ ଓ ସହକାରୀ ଜିଲା ଶିକ୍ଷା ଅଧିକାରୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ର ଓ ବିଦ୍ୟାଳୟ ପ୍ରଶାସନ ପାଇଁ ଏକ ଦୃଢ଼ ବୌଦ୍ଧିକ ଭିତ୍ତିଭୂମି ସ୍ଥାପନ କରିବା ସହ ପରିବେଶ ପରିଚାଳନା କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏଭଳି ଏକ ଅଭିନବ କାର୍ଯ୍ୟରେ ଜେଏସ୍‌ପି ଫାଉଣ୍ଡେଶନର ସହଯୋଗ ପାଇଁ ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କ ସହ ବିଦ୍ୟାଳୟ ପ୍ରଶାସନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସ୍କୁଲରେ ପ୍ରୋଜେକ୍ଟ ଗ୍ରେସ ଆରମ୍ଭ ହେବା ପରେ ପରିବେଶ ଶିକ୍ଷାକୁ ଶୈକ୍ଷିକ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାର ଲକ୍ଷ୍ୟ ଜିଲାର ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ପ୍ରାକୃତିକ ଐତିହ୍ୟର ସଂରକ୍ଷଣ ଦିଗରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଉତ୍ସାହିତ କରିବ। ଏହି ପଦକ୍ଷେପ କେବଳ ଶିକ୍ଷାଗତ ଅଭିଜ୍ଞତାକୁ ସମୃଦ୍ଧ କରେ ନାହିଁ ବରଂ ଯୁବ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପରିବେଶ ପ୍ରତି ଦାୟିତ୍ୱବୋଧତା ସୃଷ୍ଟି କରେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



